# NATIONAL NEWS BULLETIN (ODIA)

## 15 November - 2024

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ବିହାରର ଜାମୁଇ ଠାରେ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ଦେଶବ୍ୟାପି ୧୫୦ତମ ଜୟନ୍ତୀ ବାର୍ଷିକ ସମାରୋହର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।

– ୬ ହଜାର ୬୦୦ କୋଟି ଟଙ୍କାର ବିକାଶ ମୂଳକ ପ୍ରକଳ୍ପ ଗୁଡ଼ିକର କଲେ ଶୁଭାରମ୍ଭ ।

- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳର ବରିଷ୍ଠ ନେତାମାନଙ୍କର ପ୍ରଚାର ।

- ଝାଡ଼ଖଣ୍ଡ ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ।

ଏବଂ

- ଜୋହାନ୍ସବର୍ଗରେ ଆଜି ଅନୁଷ୍ଠିତ ହେବ ଭାରତ-ଦକ୍ଷିଣ ଆଫ୍ରିକା ୪ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ।

# ପିଏମ୍-ଜନଜାତୀୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏନ୍.ଡି.ଏ. ସରକାରଙ୍କ ପ୍ରାଥମିକତା ହେଉଛି ଆଦିବାସୀ ସମୁଦାୟଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି ବ୍ୟବସ୍ଥାକୁ ସୁଦୃଢ଼ କରିବା, ଯାହା ଆମେ କରିଥିବା ଯୋଜନା ଗୁଡ଼ିକରେ ପରିଲକ୍ଷିତ ହେଉଛି । ସେ କହିଛନ୍ତି, ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନା ଆଣି ଆଦିବାସୀ ସମୁଦାୟଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିଛି ।

ଶ୍ରୀ ମୋଦୀ କହିଛନ୍ତି, ତାଙ୍କ ସରକାର ରକ୍ତସିକୁଲି ରୋଗ ଦୂରୀକରଣ କରିବା, ୭୦୦ ଏକଲବ୍ୟ ବିଦ୍ୟାଳୟ ଖୋଲିବା ସହ ଆଦିବାସୀ ଗବେଷଣା କେନ୍ଦ୍ର ଏବଂ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ଆନ୍ତରିକ ଭାବେ କାର୍ଯ୍ୟ କରୁଛି । ବିହାରର ଜାମୁଇ ଠାରେ ଆୟୋଜିତ ଜନଜାତୀୟ ଗୌରବ ଦିବସ କାର୍ଯ୍ୟରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ଏକ ଜନସମୁଦାୟକୁ ସମ୍ବୋଧନ କରି ସେଠାରେ ଆଜି ୬ ହଜାର ୬୦୦ କୋଟି ଟଙ୍କାର ବିକାଶ ମୂଳକ ପ୍ରକଳ୍ପ ଗୁଡ଼ିକର ଶୁଭାରମ୍ଭ କରିଛନ୍ତି । ତାଙ୍କ ସରକାର ଆଦିବାସୀମାନଙ୍କ ଐତିହ୍ୟ, ସାଂସ୍କୃତିକ ପରମ୍ପରା, ପାରମ୍ପରିକ ଏବଂ ପୁରାତନ ଔଷଧକୁ ସଂରକ୍ଷିତ କରିବା ପାଇଁ କାର୍ଯ୍ୟ କରୁଛି । ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଗ୍ରହଣ କରିବାରେ ଲାଗିଛି ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ପି.ଏମ୍. ଜନ୍‌ମନ୍ ଏବଂ ଧର୍ତ୍ତି ଆବା ଜନଜାତୀୟ ଉତ୍କର୍ଷ ଗ୍ରାମ ଅଭିଯାନ ଲୋକାର୍ପଣ କରିବା ଫଳରେ ଆଦିବାସୀମାନେ ସିଧାସଳଖ ଉପକୃତ ହୋଇଛନ୍ତି । ଜନଜାତୀୟ ଉତ୍କର୍ଷ ଗ୍ରାମ ଅଭିଯାନ ଅଧୀନରେ ସେ ୮୦ ହଜାର କୋଟି ଟଙ୍କାର ଭିତ୍ତିଭୂମି ବିକାଶ ମୂଳକ ପ୍ରକଳ୍ପ, ଆଦିବାସୀ ଗ୍ରାମ ଗୁଡ଼ିକର ଉନ୍ନତିକରଣ ପାଇଁ ଘୋଷଣା କରିଛନ୍ତି ।

ଆଦିବାସୀମାନଙ୍କୁ ବିକାଶ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଦୂରଦୃଷ୍ଟି ସମ୍ପନ୍ନ ପରାମର୍ଶ ଏହି ପ୍ରକଳ୍ପ ଗୁଡ଼ିକୁ ଲୋକାର୍ପଣ କରିବାରେ ସହାୟକ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଦିବାସୀ ବହୁଳ ଜିଲ୍ଲା ଗୁଡ଼ିକରେ ବିର୍ସା ମୁଣ୍ଡା ଗୌରବ ଉପବନ ପ୍ରକଳ୍ପ ମଧ୍ୟ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ।

ଦେଶରେ ଥିବା ଆଦିବାସୀମାନଙ୍କ ଗର୍ବ, ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରାକୁ ନ୍ୟାୟ ଦେବାରେ ପୂର୍ବ ସରକାରର ବିଫଳତାକୁ ପ୍ରଧାନମନ୍ତ୍ରୀ ନିନ୍ଦା କରିଛନ୍ତି । ବିହାରର ଜାମୁଇ ଠାରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ବାର୍ଷିକୀ ସମାରୋହର ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନାର୍ଥେ ଏକ ସ୍ମାରକ ମୁଦ୍ରା ଏବଂ ଡାକଟିକଟ ଉନ୍ମୋଚନ କରିଛନ୍ତି । ସେ ମଧ୍ୟ ଭର୍ଚୁଆଲ୍ ମାଧ୍ୟମରେ ପି.ଏମ୍. ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପି.ଏମ୍. ଜନମନ୍)

ଅଧୀନରେ ନିର୍ମାଣ ହୋଇଥିବା ୧୧ ହଜାର ଗୃହକୁ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅବସରରେ ଆଦିବାସୀମାନଙ୍କୁ ହସ୍ତାନ୍ତର କରିଛନ୍ତି ।

## ଅମିତ ଶାହା-ବିର୍ସା ମୁଣ୍ଡା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ବାନ୍‌ସେରା ପାର୍କ ଠାରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ବାର୍ଷିକୀ ସମାରୋହ ପାଳନ ଅବସରରେ ତାଙ୍କର ଏକ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ, ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍‌ସେନାଙ୍କ ସମେତ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଛନ୍ତି । ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ୨୦୨୧ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯିବ ବୋଲି ଘୋଷଣା କରିଥିଲେ । ଏହି ଦିନରେ ଭଗବାନ ବିର୍ସା ମୁଣ୍ଡା ଝାଡ଼ଖଣ୍ଡର ଏକ ଅତ୍ୟନ୍ତ କ୍ଷୁଦ୍ର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଶ୍ରୀ ଶାହା କହିଛନ୍ତି, ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ବାର୍ଷିକୀ ସମାରୋହ ପାଳନ ଅବସରରେ ସରକାର ସରାଇ କାଲେ ଖାନ୍ ଚୌକ୍‌ର ନାମକୁ ପରିବର୍ତ୍ତନ କରି ଭଗବାନ ବିର୍ସା ମୁଣ୍ଡା ଚୌକ୍ ଭାବେ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଶ୍ରୀ ଶାହା

କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ଭଗବାନ ବିର୍ସା ମୁଣ୍ଡା ଜଣେ ମହାନାୟକ ଥିଲେ ।

## ମହାରାଷ୍ଟ୍ର କ୍ୟାମ୍ପେନିଂ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ରାଜ୍ୟରେ ସମସ୍ତ ପ୍ରମୁଖ ରାଜନୈତିକ ଦଳର ବରିଷ୍ଠ ନେତାମାନେ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛନ୍ତି । ବିଜେପି ସଭାପତି ଜଗତ ପ୍ରକାଶ ନଡ୍ଡା ଥାନେ ଠାରେ ଅନୁଷ୍ଠିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ କହିଛନ୍ତି, ବିଜେପି ପ୍ରତିରକ୍ଷା କ୍ଷେତ୍ରକୁ ସଶକ୍ତ କରିବା ସହିତ ଦେଶର ଆନ୍ତଃ ନିରାପତ୍ତାକୁ ସୁଦୃଢ଼ କରି ଆତଙ୍କବାଦ ବିରୁଦ୍ଧରେ ଦୃଢ଼ ମୁକାବିଲା କରିଛି ।

ମହାରାଷ୍ଟ୍ରର ଉମରକ୍ଷେଡ୍ ଠାରେ ଅନୁଷ୍ଠିତ ଏକ ରାଲିରେ ଯୋଗଦେଇ ଦେଇ ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଦଳ ହିମାଚଳ ପ୍ରଦେଶ, କର୍ଣ୍ଣାଟକ ଏବଂ ତେଲଙ୍ଗାନାରେ କରିଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ବିଫଳ ହୋଇଛି । ଅପର ପକ୍ଷରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ସକ୍ଷମ ହୋଇଛନ୍ତି । ସେ କହିଛନ୍ତି, ଉଦ୍ଧବ ଠାକରେ, ଶରଦ

ପାୱାର ଏବଂ ସୁପ୍ରିୟା ସୁଲେଙ୍କ ବିରୋଧ ସତ୍ତ୍ୱେ ଶ୍ରୀ ମୋଦୀ ୱାକଫ୍‌ବୋର୍ଡ ଆଇନ୍ ସଂଶୋଧନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି ।

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ଅସ୍ଥି ଠାରେ ପ୍ରଚାର କରି କହିଛନ୍ତି, ଡକ୍ଟର ବାବା ସାହେବ ଆମ୍ବେଦକରଙ୍କର ଦ୍ୱାରା ପ୍ରଣିତ ସମ୍ବିଧାନକୁ ବିଜେପି ପରିବର୍ତ୍ତନ କରିବ ବୋଲି କଂଗ୍ରେସ ମିଥ୍ୟା ପ୍ରଚାର କରିଛି । ସେହିପରି ବିଜେପି ନେତା ଦେବେନ୍ଦ୍ର ଫଡ଼ଣାବିସ ସତାରା, ସାଙ୍ଗଲି ଏବଂ ପୁନେ ଠାରେ ପ୍ରଚାର ଅଭିଯାନ କରିଛନ୍ତି ।

ଅପର ପକ୍ଷରେ ସାଙ୍ଗଲି ଠାରେ ଏନ୍.ସି.ପି.(ଏସ୍.ପି.) ମୁଖ୍ୟ ଶରଦ ପାୱାର ଦାବି କରିଛନ୍ତି, ବିଜେପି ସମ୍ବିଧାନକୁ ବଦଳାଇବାକୁ ଚେଷ୍ଟା କରୁଛି । ଶିବସେନା ୟୁ.ବି.ଟି. ମୁଖ୍ୟ ଉଦ୍ଧବ ଠାକରେ ଛତ୍ରପତି ସମ୍ଭାଜୀ ନଗର ଠାରେ ପ୍ରଚାର କରି ଏନ୍.ଡି.ଏ. ଶାସକ ଦଳକୁ ସମାଲୋଚନା କରିଛନ୍ତି ।

## ଝାଡ଼ଖଣ୍ଡ-କ୍ୟାମ୍ପେନିଂ

ଝାଡ଼ଖଣ୍ଡରେ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ଏନ୍.ଡି.ଏ. ଓ ଇଣ୍ଡି ମେଣ୍ଟ ସମେତ ଅନ୍ୟାନ୍ୟ ଦଳୀୟ

ନେତୃବୃନ୍ଦଙ୍କ ପକ୍ଷରୁ ଭୋଟରମାନଙ୍କୁ ନିଜ ସପକ୍ଷରେ ଆକୃଷ୍ଟ କରିବା ଲାଗି ପ୍ରଚେଷ୍ଟା ଜାରି ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ବିଜେପିର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଧାନବାଦ୍‌ର ତୁଣ୍ଡିଠାରେ ପ୍ରଚାର କରିଛନ୍ତି । ସେହିଭଳି ରାଞ୍ଚିର ଧୁର୍ବା ଏବଂ ଗୋଡା ଠାରେ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ ହେବେ ।

ଅନ୍ୟ ପକ୍ଷରେ କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧି ମଧ୍ୟ ଆଜି ଗୋଡାର ମାହାଗାମା ଜନସମାବେଶରେ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ପ୍ରଚାର କରିଛନ୍ତି ।

ଆର୍‌ଜେଡିର ବରିଷ୍ଠ ନେତା ତେଜସ୍ୱୀ ପ୍ରସାଦ ଯାଦବ, ବରିଷ୍ଠ ବିଜେପି ନେତା ଶିବରାଜ ସିଂହ ଚୌହ୍ୱାନ, ହେମନ୍ତ ବିଶ୍ୱଶର୍ମା ଏବଂ ଚମ୍ପେଇ ସୋରେନ ପ୍ରମୁଖ ରାଜ୍ୟର ବିଭିନ୍ନ ନିର୍ବାଚନୀ ର୍ୟାଲି ଗୁଡ଼ିକରେ ପ୍ରଚାରରେ ସାମିଲ ହୋଇଛନ୍ତି ।

## ଝାଡ଼ଖଣ୍ଡ ପ୍ରତିଷ୍ଠା ଦିବସ

ଝାଡ଼ଖଣ୍ଡ ଆଜି ତା'ର ପ୍ରତିଷ୍ଠା ଦିବସ ପାଳନ କରୁଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାଡ଼ଖଣ୍ଡ ବାସୀଙ୍କୁ ଶୁଭେଚ୍ଛା

ଜଣାଇଛନ୍ତି । ରାଷ୍ଟ୍ରପତି ମୁର୍ମୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଭଗବାନ ବିର୍ସାମୁଣ୍ଡା, ବୀର ସିଡୋ-କାହ୍ନୁ, ଚାନ୍ଦ ଭୈରବ, ତିଲ୍‌କା ମାନ୍‌ଝି ଏବଂ ନୀଳାମ୍ବର ପୀତାମ୍ବର ଭଳି ଅନେକ ମହାନ ବ୍ୟକ୍ତିତ୍ୱ ଝାଡ଼ଖଣ୍ଡ ମାଟିକୁ ଗର୍ବିତ କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଝାଡ଼ଖଣ୍ଡର ସମୃଦ୍ଧ ପରମ୍ପରା, ପ୍ରକୃତି ସହିତ ଗଭୀର ସମ୍ପର୍କ ଏବଂ ସ୍ୱାଧୀନତା ସଂଗ୍ରାମରେ ଅମୂଲ୍ୟ ଅବଦାନ ଏହାର ଜୀବନ୍ତ ଆଦିବାସୀ ସମ୍ପ୍ରଦାୟକୁ ପ୍ରତିଫଳିତ କରୁଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଝାଡ଼ଖଣ୍ଡ ଭୂମି ଆଦିବାସୀ ସମାଜର ସଂଘର୍ଷ ଏବଂ ବଳିଦାନ ଦ୍ୱାରା ଉଦ୍‌ବୁଦ୍ଧ ହୋଇଛି ।

# ବାଲିଯାତ୍ରା

ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟର ସ୍ମୃତିଚାରଣ କରିବା ଅବସରରେ ଆଜି ସମଗ୍ର ରାଜ୍ୟରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମନେ ପକାଇ  ରାଜ୍ୟର ବିଭିନ୍ନ ନଦୀ, ପୁଷ୍କରିଣୀ ଓ ମହୋଦଧିରେ ଡଙ୍ଗା ଭସାଣ ପର୍ବ ଅନୁଷ୍ଠିତ ହୋଇଛି । ଓଡ଼ିଶାର କଟକ ଠାରେ ମଧ୍ୟ ଆଜିଠାରୁ ଐତିହାସିକ ବାଲିଯାତ୍ରା ଆରମ୍ଭ

ହୋଇଛି । ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହାକୁ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୋଇତ ବନ୍ଦାଣ ଏବଂ ବାଲିଯାତ୍ରା ଉତ୍ସବ ପାଇଁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ଓଡ଼ିଶାର ନୌ-ପରମ୍ପରା ବହୁ ପ୍ରାଚୀନ । ଭାରତୀୟ ସାଂସ୍କୃତିକ ବୈଭବରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ଇଣ୍ଡିଆ କୋପ୍ ୨୯

ଆଜେରବାଇଜାନର ବାକୁ ଠାରେ ଅନୁଷ୍ଠିତ **Cop29** ଶିଖର ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବାରମ୍ବାର ବିପର୍ଯ୍ୟୟ ଆଣୁଛି ବୋଲି ଭାରତ ଉଲ୍ଲେଖ କରିଛି । ଜଳବାୟୁ ଉପରେ ଅନୁଷ୍ଠିତ ମନ୍ତ୍ରୀ ସ୍ତରୀୟ ବୈଠକରେ ସମଭାବାପନ୍ନ ବିକାଶଶୀଳ ଦେଶମାନେ ଯୋଗ ଦେଇ ମଧ୍ୟ ଏହି ମତ ରଖିଛନ୍ତି ।  ପରିବେଶ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ନରେଶ ପାଲ ଗଙ୍ଗୱାର୍ ଏହି ସମ୍ମିଳନୀରେ ଯୋଗଦେଇ କହିଛନ୍ତି, ଚରମ ପାଣିପାଗ ପରିବର୍ତ୍ତନ ହେତୁ ବିଶ୍ୱସ୍ତରରେ ଜଳବାୟୁ ପରିବର୍ତ୍ତନ

ଘଟୁଛି । ଏହା ଉପରେ ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

## କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାରି ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯିବ । ଭାରତୀୟ ସମୟ ରାତି ୮ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଜୋହାନ୍ସବର୍ଗର ୱାଣ୍ଡରର୍ସ୍ ଷ୍ଟାଡିୟମ୍‌ରେ ଆରମ୍ଭ ହେବ । ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୬୧ରନ୍‌ରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ଦଳ ଭାରତକୁ ୩ ୱିକେଟ୍‌ରେ ହରାଇଥିଲା । ତେବେ ତୃତୀୟ ମ୍ୟାଚ୍‌ରେ ଭାରତ ୧୧ ରନ୍‌ରେ ବିଜୟୀ ହୋଇ ୨-୧ରେ ଏହି ସିରିଜ୍ ଅଗ୍ରଣୀ ରହିଛି ।